ଓଡ଼ିଶା ଏକ୍ସପ୍ରେସ
ଭୁବନେଶ୍ୱର ଓ ବ୍ରହ୍ମପୁରରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୭ ନଭେମ୍ବର ୨୦୧୭, ଶୁକ୍ରବାର

ଠକ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବରଗଡ : ଏକ୍ସପ୍ରେସ୍ ନ୍ୟୁଜ୍

ଏକ ଠକ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଗ୍ଲେଜ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର କାର୍ଯ୍ୟାଳୟ ବରଗଡ ଉପକଣ୍ଠ ଆଶାକିରଣ ନିକଟରେ ରହିଛି । ଏହି ସଂସ୍ଥା କେନ୍ଦୁଝର ଜିଲ୍ଲାର ଦୁଇଜଣ ଯୁବକ ପାଟୁଙ୍ଗ ଗ୍ରାମର ଲିକେଶ ପ୍ରଧାନ ଓ ଗଣେଶ୍ୱରଙ୍କ ଠାରୁ ଚାକିରିର ପ୍ରଲୋଭନ ଦେଖାଇ ଅର୍ଥ ଠକି ନେଇଥିବା ଅଭିଯୋଗ ହୋଇଥିଲା । ଏ ନେଇ ଉକ୍ତ ୨ ଯୁବକ ବରଗଡର ସାମ୍ବାଦିକମାନଙ୍କ ସହାୟତାରେ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ । ଏହା ସତ୍ତ୍ୱେ ପୋଲିସ ଉକ୍ତ ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଉକ୍ତ ଯୁବକ ଦ୍ୱୟଙ୍କ ଅଭିଯୋଗରୁ ଜଣାପଡିଛି ଯେ ଚାକିରି ଦେବାର ପ୍ରଲୋଭନ ଦେଖାଇ ଉପରୋକ୍ତ ସଂସ୍ଥା ବେକାର ଯୁବକ ଯୁବତୀମାନଙ୍କ ଠାରୁ ୧୮,୫୦୦ ଟଙ୍କା ଲେଖାଏଁ ଆଦାୟ କରି ନେଇଥିଲା । ମାତ୍ର କୌଣସି ଚାକିରି ଦେଇନଥିଲା । ଓସାମା ଆସୋସିଏସନ୍ ନାମରେ ରେଜିଷ୍ଟ୍ରେସନ୍ କରି ଏହି ସଂସ୍ଥା ପୂର୍ବ ଓଡ଼ିଶାର ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର, ଜଗତସିଂହପୁର, ପୁରୀ ଆଦି ଜିଲ୍ଲାରେ ଠକାମୀ କରିଥିବା ଅଭିଯୋଗରେ ଦର୍ଶାଯାଇଛି ।

ଆଇନ୍‌ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟର ସଭାଗୃହ ଠାରେ ଅପରାହ୍ଣ ବେଳେ ପୋଲିସ୍-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ଭୂପେନ୍ଦ୍ର ସିଂ ପୁନିଆ ଅଧ୍ୟକ୍ଷତା କରି ତଫସିଲ୍‌ଭୁକ୍ତ ଜାତି ଏବଂ ଜନଜାତି (ଏସ୍.ସି-ଏସ୍.ଟି)ମାମଲା ଗୁଡିକୁ ଅଗ୍ରାଧିକାର ଦେଇ ସମାଧାନ କରିବା ପାଇଁ ବିଭିନ୍ନ ଥାନା ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ବିଭିନ୍ନ ସରକାରୀ କର୍ମଚାରୀଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଥାନା ଅଧିକାରୀ ମାନେ ଗୁରୁତ୍ୱ ଦେଇ ସମାଧାନ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏତଦ୍ ବ୍ୟତୀତ ନିରୀହ ଲୋକଙ୍କୁ ଅଯଥା ହଇରାଣ, ହରକତ ନ କରିବା ଏବଂ ସୌଖୀନ୍ ପାଇଁ କୌଣସି ବ୍ୟକ୍ତିଙ୍କୁ ବନ୍ଧୁକ ଲାଇସେନ୍ସ ନ ଦେବା ଦିଗରେ ଗୁରୁତ୍ୱ ଦେଇ ପୋଲିସ୍ ଅଧିକାରୀଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ । ଜିଲ୍ଲାର ସମାଜ ବିରୋଧୀ ବ୍ୟକ୍ତିଙ୍କୁ ଦୃଢ ହସ୍ତରେ ଦମନ କରିବା ପାଇଁ ସର୍ବସମ୍ମତି କ୍ରମେ ବୈଠକରେ ମତ ପ୍ରକାଶ ପାଇଥିଲା । ଠିକ୍ ସେହିଭଳି ଜମିବାଡି ସମ୍ପର୍କିତ ମାମଲା ଗୁଡିକୁ ସହୃଦୟତାର ସହ ଥାନାରେ ଗ୍ରହଣ କରି ସେଗୁଡିକୁ ସମାଧାନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ, ନିଖୋଜ ପିଲା, ବାଲ୍ୟବିବାହ, ୫୩ ଏବଂ ୫୫ ନମ୍ବର ଜାତୀୟ ରାଜପଥରେ ମଦ୍ୟପାନ କରି ଯାନବାହାନ ଚଳାଚଳକୁ ତଦାରଖ କରିବା, ରାତ୍ର ୧୧ଟା ପରେ ରାଜପଥ କଡ ଢାବା ଗୁଡିକୁ ବନ୍ଦ କରିବା, ବ୍ରିଥ୍ ଆନାଲାଇଜର୍ ବ୍ୟବହାର କରିବା ତଥା ଅଭ୍ୟାସଗତ ଚୋରା ମଦ ବିକ୍ରେତାଙ୍କ ବିରୋଧରେ କଡା ପଦକ୍ଷେପ ନେବା ପାଇଁ ପୋଲିସ୍-ଅବକାରୀ ବିଭାଗ-ମାଜିଷ୍ଟ୍ରେଟ୍‌ଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରା ଯାଇଥିଲା । ବିଭିନ୍ନ ସରକାରୀ ପ୍ରକଳ୍ପ, କେନାଲ, ରାସ୍ତା ଏବଂ ରେଳ ଧାରଣା ଅବରୋଧ ନେଇ ବିଭିନ୍ନ ମାମଲା ରୁଜୁ ହେଉଥିବା ବୈଠକରେ ଆଲୋଚନା କରାଯାଇ ଏହାଦ୍ୱାରା ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଅପଚୟ ହେଉଥିବାରୁ ସେହି ସବୁ ମାମଲା ଗୁଡିକୁ ପ୍ରାଥମିକତା ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମାନବାଧିକାର ସମ୍ବନ୍ଧୀୟ ମାମଲା ଗୁଡିକୁ ଗୁରୁତ୍ୱ ଦେବା ପାଇଁ ଆବଶ୍ୟକତା ଥିବା ଏହି ବୈଠକରେ ଆଲୋଚନା କରା ଯାଇଥିଲା । ବିଶେଷ କରି, ପ୍ରଦୁଷଣ ରୋକିବାକୁ ରାସ୍ତା କଡରେ କୋଇଲା ବ୍ୟବହାର ବନ୍ଦ କରିବା ତଥା ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍-ମାଜିଷ୍ଟ୍ରେଟ୍ ଏକାଠି କାର୍ଯ୍ୟ କରିବାକୁ ବୈଠକରେ ସ୍ଥିର କରା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ବସନ୍ତ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଢେଙ୍କାନାଳ ଉପଜିଲ୍ଲାପାଳ ଶିଲ୍ପା ଶର୍ମା, କାମାକ୍ଷାନଗର ଉପଜିଲ୍ଲାପାଳ ଭବେଶ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଅବକାରୀ ଅଧିକ୍ଷକ, ବିଭିନ୍ନ ଥାନା ଅଧିକାରୀ, ତହସିଲଦାର, ଜିଲ୍ଲା ସ୍ତରୀୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ଶକ୍ତି ସଂରକ୍ଷଣ ପାଇଁ ଆହ୍ୱାନ

ସାଲେପୁର : ଏକ୍ସପ୍ରେସ୍ ନ୍ୟୁଜ୍

ଗୋପିନାଥପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଗୁରୁବାର ଦିନ ପାଳିତ ହୋଇଯାଇଛି। ଶିକ୍ଷକ ବିଚିତ୍ରନାରାୟଣ ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଏକ ରାଲିରେ ସ୍ଥାନୀୟ ସତ୍ୟଭାମାପୁର, ଗଣେଶ୍ୱରପୁର ଆଦି ଗ୍ରାମ ପରିକ୍ରମା କରି ଶକ୍ତି ସଂରକ୍ଷଣ ଉପରେ ଗ୍ରାମବାସୀମାନଙ୍କୁ ସଚେତନ କରାଇବା ସହିତ ଶକ୍ତି ସଂରକ୍ଷଣ ଉପରେ ଲିଖିତ ବିଭିନ୍ନ ସ୍ଲୋଗାନ୍ ଦେବା ସହ ପ୍ରଚାରପତ୍ର ବାଣ୍ଟିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପୃଥ୍ୱିରାଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମଣ୍ଡଳ ସ୍ତରୀୟ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ବାଙ୍କୀ

ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ, ବାଙ୍କୀରେ ଶକ୍ତି ସଂରକ୍ଷଣ ଦିବସ ଏକ ଅଭିନବ ପ୍ରଣାଳୀରେ ପାଳିତ ହୋଇଯାଇଛି । ଏ ଉପଲକ୍ଷେ ଏନ୍‌ସିସି ସ୍ଥଳ ଓ ଆକାଶ ବାହିନୀର ଏକଶତ କ୍ୟାଡେଟ୍ ଏକ ସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ। ଦିବା ୮ଟାରେ ଉକ୍ତ ସାଇକେଲ ଯାତ୍ରାକୁ ବାଙ୍କୀ ଉପକାରାଗାରର ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ବାଙ୍କୀର ବିଶିଷ୍ଟ ଯୁବ ସମାଜସେବୀ ଗୌତମ ମିଶ୍ର, କେଶବ ଚନ୍ଦ୍ର ବେହେରା, ବରିଷ୍ଠ ଶିକ୍ଷକ ତ୍ରିଲୋଚନ ଜେନା କ୍ୟାଡେଟ୍‌ଙ୍କୁ ଉଦ୍‌ବୋଧନ ଦେଇଥିଲେ । ସ୍ଥଳ ବାହିନୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ଆକାଶ ବାହିନୀ ଅଧିକାରୀ କାହ୍ନୁଚରଣ ସାହୁ ସାଇକେଲ ର୍‍ୟାଲିକୁ ପରିଚାଳନା କରିଥିଲେ । ବିଜୟ କୁମାର ମହାପାତ୍ର ଓ ସୁକାନ୍ତ ନାୟକ ଏଥିରେ ସହଯୋଗ କରିଥିଲେ । ଅନୁଆରୀ ଠାରେ ବୈଦେଶ୍ୱର ଥାନା ଭାରପ୍ରାପ୍ତ ଅଧିକାରୀ କ୍ୟାଡେଟ୍‌ଙ୍କୁ ପାଛୋଟି ନେଇ ବିଦ୍ୟାରତ୍ନଙ୍କ ଜନ୍ମସ୍ଥାନରେ ପହଞ୍ଚାଇଥିଲେ । ନୀଳମଣି ବିଦ୍ୟାରତ୍ନଙ୍କ ୧୫୦ତମ ଜୟନ୍ତୀ ଉତ୍ସବରେ କ୍ୟାଡେଟ୍ ଓ ଅଫିସର ଗଣ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିବାରୁ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଉପଜିଲ୍ଲାପାଳ ବାଙ୍କୀ ଅରୁଣ କୁମାର ବିଶ୍ୱାଳ ଏନ୍.ସି.ସି. ଅଧିକାରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ କାହ୍ନୁଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁରୂପ ଭାବେ ମନମୋହନ ବିଦ୍ୟାପୀଠ, ଅନ୍ଧାରୁଆ ସରକାରୀ ମଇଯୋରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ରାମଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟର ସମସ୍ତ ଛାତ୍ର ଓ ଶିକ୍ଷକ ଗଣଙ୍କ ଗହଣରେ କ୍ୟାଡେଟ୍ ମାନେ ସଭାରେ ଯୋଗଦେଇ ଶକ୍ତି ସଂରକ୍ଷଣ ଦିବସର ସଚେତନତା ବାର୍ତ୍ତା ପହଞ୍ଚାଇବା ପରେ ଉକ୍ତ ତିନି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମାନେ ସେମାନଙ୍କ ଛାତ୍ର ଓ କ୍ୟାଡେଟ୍‌ଙ୍କ ଗହଣରେ ଦୁଇ ଏନ୍‌ସିସି ଅଧିକାରୀଙ୍କୁ ଫୁଲତୋଡା ଓ ସମ୍ମାନପତ୍ର ପ୍ରଦାନ କରିଥିଲେ ।

କୋଦଳା

କୋଦଳା ସରକାରୀ ବାଳିକା ବିଦ୍ୟାଳୟ ତରଫରୁ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଅଭୟା ରାଣୀ ପ୍ରଧାନ, ସିଆରସିସି ଅଶ୍ୱିନୀ ପ୍ରହରାଜ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚନ୍ଦ୍ରଶେଖର ବଡୁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ମାର୍ଗ ଦର୍ଶନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା ।

ଭଦ୍ରକ

ଭଦ୍ରକ ଜିଲ୍ଲାସ୍କୁଲ ପରିସରରେ ଆଜି ଜାତୀୟ ସବୁଜବାହିନୀ ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ସବୁଜବାହିନୀର ମାର୍ଗଦର୍ଶକ ଶିକ୍ଷକ ଅକ୍ଷୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ରାଲି ଅନୁଷ୍ଠିତ ହୋଇଥିଲା । ଉକ୍ତ ରାଲିର ଶୁଭାରମ୍ଭ କରିଥିଲେ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ । ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ଉକ୍ତ ରାଲି ସହର ପରିକ୍ରମା କରିଥିଲେ । ଶକ୍ତି ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବାକୁ ବ୍ୟାନର ଓ ପ୍ଲାକାର୍ଡ ଧରି ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଆଶୋକ କୁମାର ଶତପଥି, ନରେନ୍ଦ୍ର ପ୍ରସାଦ ସାହୁ, ମନୋଜ ରାୟ, ଶଚିକାନ୍ତ ପତି, ଶରତ ଚନ୍ଦ୍ର ନାୟକ, ମୁରାଦ ଅଲି ଖାଁ ଓ ଶିକ୍ଷୟିତ୍ରୀ ଧୀରାମଣି ଲେଙ୍କା, ଗୀତାରାଣୀ ସ୍ୱାଇଁ, ମିନତି ପଣ୍ଡା, ମିଲି ପରିଡା, ସୁଷମା ବେହେରା, ଜୟନ୍ତୀ କରଶର୍ମା, ଲିପ୍‌ସୀତା ବିଶ୍ୱାଳ, ସୁବାସିନୀ ମିଶ୍ର, ବବିତା ସାହୁ, ସ୍ୱର୍ଣ୍ଣଲତା ପ୍ରଧାନ ଓ ଶିକ୍ଷାକର୍ମଚାରୀ ଦେବେନ୍ଦ୍ର ମହାପାତ୍ର ରମାକାନ୍ତ ଜେନା, ସ୍ମରଜିତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ବିକାଶ ପାଇଁ ପ୍ରୟାସ

ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍

ସରଧାବାଲିସ୍ଥିତ ବେଦବ୍ୟାସ ଆବାସିକ ମହାବିଦ୍ୟାଳୟର ୧୪ତମ ବାର୍ଷିକ କ୍ରୀଡ଼ା ବ୍ରହ୍ମପୁର ଷ୍ଟାଡ଼ିୟମ ପରିସରରେ ଗୁରୁବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ୩ଦିନ ଧରି ହେବାକୁ ଥିବା ଏହି ବାର୍ଷିକ କ୍ରୀଡ଼ାକୁ ମହାବିଦ୍ୟାଳୟର ମୁଖ୍ୟ ଇଂ. ଲକ୍ଷ୍ମୀନାରାୟଣ ପାଠୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମନୋଜ କୁମାର ବେହେରା, ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ବିଷୋୟୀ ଓ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ବାର୍ଷିକ କ୍ରୀଡ଼ାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ପରିଚାଳନାରେ ରମେଶ ଚନ୍ଦ୍ର ମହାରଣା, କେଶବ ଚନ୍ଦ୍ର ଲେଙ୍କା, ପ୍ରସନ୍ନ କୁମାର ସାହୁ, ପ୍ରିୟଦର୍ଶିନୀ ଦାସ, ସନ୍ତୋଷ ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ବି. ଗଙ୍ଗାଧର ପାତ୍ର, ସଞ୍ଜିବ କୁମାର ବାରିକ, ବିନୟ କୁମାର ପଣ୍ଡା, ସସ୍ମିତା ରଥ, ଭାଗ୍ୟଲକ୍ଷ୍ମୀ ପ୍ରଧାନ, ଦିବ୍ୟଜ୍ୟୋତି ବିଶ୍ୱାଳ, ପ୍ରତିମା ମୁନି, ଗାୟତ୍ରୀ ପାଢ଼ୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ପ୍ରଥମ ଦିନରେ ବାଳକ ବିଭାଗରେ ୧୦୦ ମିଟର ଦୌଡ଼, ସଟ୍‌ପୁଟ୍ ଥ୍ରୋ, ଡ଼ିସ୍‌କସ୍ ଥ୍ରୋ, ଜାଭିଲିନ୍ ଥ୍ରୋ, କ୍ରିକେଟ୍, ଭଲିବଲ୍ ଓ ୪୦୦ ମିଟର ଦୌଡ଼ ହୋଇଥିବା ବେଳେ ବାଳିକା ବିଭାଗରେ ମଧ୍ୟ ଅନୁରୂପ ଖେଳ ସହ ଦୌଡ଼ି ଡ଼ିଆଁ, ପୁଚି ଭଳି ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନ ଅନୁଷ୍ଠିତ କ୍ରୀଡ଼ା ମଧ୍ୟରେ କ୍ରିକେଟ୍‌ରେ ଦ୍ୱିତୀୟ ବର୍ଷ ଶିକ୍ଷାର୍ଥୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଯୁକ୍ତ ୨ ବିଦ୍ୟାର୍ଥୀଙ୍କ ମଧ୍ୟରେ ଲଙ୍ଗ ଜମ୍ପ୍ ଚିତ୍ତରଞ୍ଜନ ଜେନା ଏବଂ ବାଳିକା ବିଭାଗରେ ଡ଼ିସ୍‌କସ୍ ଥ୍ରୋ ଅରୂପାରାଣୀ, ସଟ୍‌ପୁଟ୍ ଥ୍ରୋ'ରେ କାଜଲ ପ୍ରଧାନ, ଜାଭ୍‌ଲିନ୍ ଥ୍ରୋ'ରେ କେ. ସହିଥ ପ୍ରଥମ ସ୍ଥାନ ପାଇଛନ୍ତି । ଯୁକ୍ତ ୩ ବିଜ୍ଞାନ ବିଦ୍ୟାର୍ଥୀଙ୍କ ମଧ୍ୟରେ ଲଙ୍ଗଜମ୍ପ୍‌ରେ ସୁନିଲ ବିଷୋୟୀ, ୧୦୦ ମିଟର ଦୌଡ଼ରେ ଶୁଭଶ୍ରୀ ଦାସ, ଡ଼ିସକସ୍ ଥ୍ରୋରେ ମନିଷା କୁମାରୀ ମହାନ୍ତି, ସଟ୍‌ଫୁଟ୍‌ରେ ମନାସ ମହାନ୍ତି ଏବଂ ଜବଲିନ୍ ଥ୍ରୋରେ ମନିଷା କୁମାରୀ ମହାନ୍ତି ପ୍ରଥମସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି ।

ଛାତ୍ରୀନେତ୍ରୀ ଅପହରଣ ମାମଲା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଭଞ୍ଜନଗର : ଏକ୍ସପ୍ରେସ୍ ନ୍ୟୁଜ୍

୧୦ବର୍ଷ ପୂର୍ବର ଏକ ଛାତ୍ରୀନେତ୍ରୀ ଅପହରଣ ମାମଲାରେ ସ୍ଥାନୀୟ ଏଡିଜେ କୋର୍ଟ ତଳକୋର୍ଟଙ୍କ ରାୟକୁ ଖାରଜ କରିବାସହ ଅଭିଯୁକ୍ତ ନୀଳାଞ୍ଚଳ ଗୌଡଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ୧୦ବର୍ଷ ପୂର୍ବେ ୨୦୦୭ ମସିହାରେ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ତତ୍କାଳୀନ ଛାତ୍ରସଂସଦ ସଭାନେତ୍ରୀଙ୍କୁ ଭଞ୍ଜନଗର ବାଉଁଶଲୁଣ୍ଡି ଗ୍ରାମର ନୀଳାଞ୍ଚଳ ଗୌଡ ନାମକ ଜଣେ ଯୁବକ ଅପହରଣ କରିନେଇଥିବା ନେଇ ଅଭିଯୋଗ ହୋଇଥିଲା । ତେବେ ସେତେବେଳେ ସଂପୃକ୍ତ ଛାତ୍ରୀଙ୍କ ସହ ଅଭିଯୁକ୍ତ ନୀଳାଞ୍ଚଳ ଗୌଡ ବିବାହ କରିଥିବା ନେଇ ଉଭୟ ଛାତ୍ରୀ ଓ ଅଭିଯୁକ୍ତ ସୂଚନା ଦେଇଥିଲେ ମଧ୍ୟ ମାନ୍ୟବର ଏସଡିଜେଏମ୍ କୋର୍ଟ ସମ୍ପୃକ୍ତ ଛାତ୍ରୀଙ୍କୁ ବ୍ରହ୍ମପୁରସ୍ଥିତ ସର୍ଟ ଷ୍ଟେ ହୋମ୍‌ରେ ଏକମାସ ଏକାକୀ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଏକମାସ ପରେ ସଂପୃକ୍ତ ଛାତ୍ରୀଙ୍କୁ ସିଧା କୋର୍ଟରେ ହାଜର କରାଯାଇଥିବା ବେଳେ ସେତେବେଳେ ଛାତ୍ରୀଜଣକ ତାକୁ ବଳପୂର୍ବକ ଅପହରଣ କରିନେଇ ଭୟଭୀତ କରି ବିବାହ କରାଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ । ଏହି ମାମଲାରେ ମାନ୍ୟବର କୋର୍ଟ ଅଭିଯୁକ୍ତ ନୀଳାଞ୍ଚଳ ଗୌଡଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଜେଲଦଣ୍ଡାଦେଶ ଶୁଣାଇଥିଲେ । ତେବେ ତଳକୋର୍ଟଙ୍କ ଏହି ରାୟ ବିରୁଦ୍ଧରେ ନୀଳାଞ୍ଚଳ ଗୌଡ ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଅପିଲ ପିଟିସନ୍ ଫାଇଲ୍ କରିଥିଲେ। ଆଉ ଏହାକୁ ବିଚାରକୁ ନେଇ ମାନ୍ୟବର ଏଡିଜେ ବିଧାନ କୁମାର ଚାନ୍ଦ୍ ଘଟଣାର ଆମୂଳଚୂଳ ମାମଲାକୁ ପରୀକ୍ଷା ନିରୀକ୍ଷା କରିବାପରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ତଳକୋର୍ଟ ଦେଇଥିବା ରାୟକୁ ଖାରଜ କରିବାସହ ଅଭିଯୁକ୍ତ ନୀଳାଞ୍ଚଳ ଗୌଡଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ ଆଡଭୋକେଟ୍ ରଞ୍ଜିତ କୁମାର ପଟ୍ଟନାୟକ ଓ ପିତବାସ ବିଶୋୟୀ ମାମଲା ପରିଚାଳନା କରିଥିଲେ।

ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ସିଟି କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଅଧ୍ୟକ୍ଷ ଡଃ. କମ୍ବୁପାଣି ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଏନ୍. ପ୍ରଦିପ୍ତା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସଂଯୋଜିକା କୁମାରୀ ମମତା ସାହୁ ଆତ୍ମରକ୍ଷାର କୌଶଳ ସମ୍ପର୍କରେ ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରଶିକ୍ଷିକା କୁମାରୀ ଅମ୍ବିକା ପାଣିଗ୍ରାହୀ ଓ କୁମାରୀ ବନିତା ବେହେରା ଯୋଗଦେଇ ଏହି ଶିବିରକୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କହିଥିଲେ । ଅଧାପିକା ଡ଼ଃ. ମିନତୀ ପାଣିଗ୍ରାହୀ ଏବଂ ପୁଷ୍ପାଞ୍ଜଳି ସାବତ ଶିବିର ପରିଚାଳନାରେ ସହଯୋଗ କରିଥିଲେ । କୁମାରୀ ପ୍ରିୟଙ୍କା ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି

ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ଗଞ୍ଜାମ କଳାପରିଷଦ ଠାରେ ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖା ତରଫରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । କୁଣ୍ଠିତ ସର୍ଭିସ୍ ପ୍ରୋପ୍ରାଇଟର ବ୍ୟବସ୍ଥା ଉଚ୍ଛେଦ କରି ସମସ୍ତ ଅସ୍ଥାୟୀ ବନକର୍ମଚାରୀଙ୍କୁ ସ୍ଥାୟୀ କରିବା, ସମାନ କାମକୁ ସମାନ ଦରମା ଦେବା, ଅନ୍ୟାୟ ଛଟେଇ ବନ୍ଦ କରିବା ଆଦି ଦାବି ନେଇ ଏହି ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଅସ୍ଥାୟୀ ବନକର୍ମଚାରୀ ସଂଘର ସଭାପତି ତଥା ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର ମହାସଚିବ ପ୍ରଭାତ ମହାନ୍ତି ଯୋଗ ଦେଇ ଉକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆସନ୍ତା ୨୦ ତାରିଖ ବିଶାଳ ଗଣଧାରଣାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପାତ୍ର, ଧନଞ୍ଜୟ ଶଙ୍ଖୁଆ, ଦେବାଶିଷ ତ୍ରିପାଠୀ, ମନୁ ରାଉଳ, ମୂରଲୀ ରଥ ପ୍ରମୁଖ ଯୋଗ ଦେଇଥିଲେ ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଷ୍ଟ୍ରୀୟ ଭାବନା ଉଦ୍ରେକ ପାଇଁ ଆହ୍ୱାନ

ନିମାପଡା : ଏକ୍ସପ୍ରେସ୍ ନ୍ୟୁଜ୍

ସମସ୍ତେ ପଢିବେ, ସମସ୍ତେ ବଢିବେ, ଦେଶ ଗଠନରେ ସାମିଲ ହୋଇ ରାଷ୍ଟ୍ରୀୟ ଭାବନା ପ୍ରତ୍ୟେକ ଛାତ୍ରଛାତ୍ରୀ ମଧ୍ୟରେ ଜାଗ୍ରତ ହେବା ଦିଗରେ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଧ୍ୟାନ ଦେବାକୁ ବ୍ଲକ ଶିକ୍ଷା ଅଧିକାରୀ ଅନୀଲ କୁମାର ବିଶ୍ୱାଳ ପରାମର୍ଶ ଦେଇଛନ୍ତି । ବ୍ଲକ ଅଧୀନସ୍ଥ ପଶ୍ଚିମ ସର୍କଲ ଓ ବଳଙ୍ଗା ସର୍କଲର ୧୧୦ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ (ଶତ ପ୍ରତିଶତ ଆଧାର ଲିଙ୍କେଜ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି, ସ୍ୱଚ୍ଛ ଭାରତକୁ ପାଠ୍ୟକ୍ରମରେ ସାମିଲ)କୁ ସାକାର କରିବା ଦିଗରେ ଶିକ୍ଷକମାନେ ଅଧିକ ଯତ୍ନବାନ ହେବା ଉପରେ ଗୁରୁତ୍ୱ ଦେଇଥିଲେ । ନିମାପଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ମିଶ୍ରଣ ନେଇ ପ୍ରଧାନ ଶିକ୍ଷକମାନେ ନିଜସ୍ୱ ମତବ୍ୟକ୍ତ କରି ସ୍ପଷ୍ଟୀକରଣ ଲୋଡିଥିଲେ । ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ପରିଡା ଓ ନିରନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରି ଶିକ୍ଷକମାନଙ୍କ ସହଯୋଗ କାମନା କରିଥିଲେ ।

ବସ୍ତି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଛତ୍ରପୁର
ଏକ୍ସପ୍ରେସ୍ ନ୍ୟୁଜ୍

ସହରାଞ୍ଚଳର ଝୁମ୍ପୁଡି ବସ୍ତି ବାସିନ୍ଦାକୁ ଥଇଥାନ କରିବା ପ୍ରଥମକରି ଗଞ୍ଜାମ ଜିଲ୍ଲାରେ ପାଇଲେଟ୍ ପ୍ରୋଜେକ୍ଟ ଭାବେ କାର୍ଯ୍ୟକାରୀ କରାଯିବାର କାର୍ଯ୍ୟକ୍ରମ ରହିଛି ।ଏହି ପରିପ୍ରେକ୍ଷୀରେ ଛତ୍ରପୁର ଏନଏସିରେ ରହିଥିବା ଝୁମ୍ପୁଡିବସ୍ତି ଗୁଡିକକୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରି ଏସଡିଏ ଗଠନ କରାଯାଇଛି। ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ୯ନଂ ୱାର୍ଡର ନୂଆଁସାହି ବସ୍ତିବାସିନ୍ଦା ମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଏଫଆଇଡିଆର ସଂସ୍ଥାର କର୍ମକର୍ତ୍ତା ମାନେ ବସ୍ତିବାସିନ୍ଦାକୁ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ଏହି ଯୋଜନା ସମ୍ବନ୍ଧରେ ସଚେତନତା କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନଏସି କନିଷ୍ଠ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ଜେନୀ, ଟେକ୍ନିକଲେକ୍ଟର ଜି.ଜଗଦୀଶ ରେଡ୍ଡୀ ଓ ଏସ୍.ଦାଲେୟା ରେଡ୍ଡୀ ଯୋଗଦେଇ ସରକାରଙ୍କ ୨୦୧୭ ଜମିଅଧିକାର ଆଇନ ବିଷୟରେ ଆଲୋଚନା କରିବା ସହ ଏ ସମ୍ପର୍କରେ ବସ୍ତିବାସିନ୍ଦାଙ୍କ ସନ୍ଦେହ ଦୂର କରିଥିଲେ । ଏହି ବସ୍ତି ବିକାଶ ନିମନ୍ତେ ସର୍ବସମ୍ମତି କ୍ରମରେ ଏସଡିଏ ଗଠନ କରାଯାଇଥିଲା । ସଭାନେତ୍ରୀ ଭାବେ ଜାନକି ନାୟକ, ସମ୍ପାଦିକା ସାବିତ୍ରୀ ବେହେରା, ସକ୍ରୀୟ ସଭ୍ୟ ସନ୍ତୋଷ କୁମାର ନାୟକ ଓ ପ୍ରମୋଦ କୁମାର ନାୟକଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଏନଏସି ଅନ୍ତର୍ଗତ ୧୪ନଂ ୱାର୍ଡର କପିଳ ହରିଜନ ସାହି ବସ୍ତିରେ ଏସଡିଏ କମିଟି ଗଠନ କରାଯାଇଥିଲା ।

ପାଇକ ବିଦ୍ରୋହରେ କୁଜଙ୍ଗର ଅବଦାନ ଉପରେ ଆଲୋକପାତ

କୁଜଙ୍ଗ : ଏକ୍ସପ୍ରେସ୍ ନ୍ୟୁଜ୍

କୁଜଙ୍ଗ ସଂସ୍କୃତି ମଣ୍ଡପଠାରେ ପାଇକ ବିଦ୍ରୋହରେ କୁଜଙ୍ଗର ସ୍ଥାନ ଓ ଅବଦାନ ସମ୍ପର୍କରେ ଏକ ଆଲୋଚନା ଚକ୍ର ଓ ସ୍ମୃତିଚାରଣ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ କୃଷିମନ୍ତ୍ରୀ ଡା. ଦାମୋଦର ରାଉତ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କବି ପୀତାମ୍ବର ତରାଇଙ୍କ ପୌରୋହିତ୍ୟରେ ହୋଇଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି ଶରତ କର, ଭୁବନେଶ୍ୱର ସାଂସଦ ଡ. ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ତଥା ସ୍ତମ୍ଭକାର ପଞ୍ଚାନନ କାନୁନ୍‌ଗୋ, ଅଧ୍ୟାପକ ଶଶାଙ୍କ ଚୁଡାମଣି, ବିଶିଷ୍ଟ ଶ୍ରମିକ ନେତା ଆଇନଜୀବୀ ଅମୃତ ଦାସ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, କୁଜଙ୍ଗ ବିଡିଓ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ଅକ୍ଷୟ କୁମାର ରାଉତ ପ୍ରମୁଖ ଯୋଗଦାନ କରି ଏହି ଐତିହାସିକ ଘଟଣା ବିଷୟରେ ବିଷଦ ଆଲୋଚନା କରିଥିଲେ । ଶେଷରେ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଦାବି

ଆମ ପୋଲିସ ସଭା
ପାରାଦୀପ ଥାନା
ଜିଲ୍ଲା - ଜଗତସିଂହପୁର, ଓଡ଼ିଶା

ପାରାଦୀପ : ଏକ୍ସପ୍ରେସ୍ ନ୍ୟୁଜ୍

ତାରେଣୀଗଡ଼ା ନିକଟସ୍ଥ ବିଜୟଚନ୍ଦ୍ରପୁର ଶିବ ମନ୍ଦିର ପରିସରରେ ପାରାଦୀପ ପୋଲିସ ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା ସହିତ ଅପରାଧକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଆସୁଛି। ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁଚରଣ ମିଶ୍ର ଓ ପାରାଦୀପ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୟଚନ୍ଦ୍ରପୁର ନାଗରିକ ପରିଷଦ ସଭାପତି ପ୍ରଭାତ ନନ୍ଦି, ପାରାଦୀପ ଟ୍ରକ ମାଲିକ ସଂଘ ସଭାପତି ସୁମନ୍ତ ବିଶ୍ୱାଳ, ଜଗନ୍ନାଥ ଟ୍ରକ ମାଲିକ ସଂଘ ସଭାପତି ଛଇନ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ଲୋକାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ବିଶେଷକରି ଦୋଛକି ପାଖରୁ ଅଠରବାଙ୍କି ମଧ୍ୟରେ ଥିବା ରାସ୍ତାରେ ପ୍ରଚୁର ପରିମାଣରେ ଉଡୁଥିବା ଧୂଳିକୁ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଏହି ଅବସରରେ ସମସ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମୁଖ୍ୟ ରାସ୍ତାରେ ଦିନ ଦିନ ଧରି ଟ୍ରକଗୁଡ଼ିକ ଛିଡ଼ା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟୁଛି ବୋଲି ମଧ୍ୟ ଏଠାରେ ମତ ପ୍ରକାଶ ପାଇଥିଲା । ଏହିସବୁ ସମସ୍ୟାର ନିରାକଣ ଦିଗରେ ପୋଲିସ ପ୍ରଶାସନ ଜିଲା ପ୍ରଶାସନକୁ ଅବଗତ କରାଇବା ସହିତ ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି ହୋଇଥିଲା ।

ଅଙ୍ଗନୱାଡି କେନ୍ଦ୍ର ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କଲେ ସିଡିପିଓ

ତିହିଡି : ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଜିଲ୍ଲା ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଓ ବଡମଲିକସାହି ଅଙ୍ଗନଓାଡି କେନ୍ଦ୍ର ବିରୋଧରେ ଆଗତ ହୋଇଥିବା ଅଭିଯୋଗ ମୂଳେ ଚଳିତ ମାସ ୧୪ ତାରିଖରେ ତିହିଡି ସିଡିପିଓ ଇନ୍ଦୁରେଖା ନାୟକ ପରିଦର୍ଶନ କରିବା ସହ ଅଭିଯୋଗକାରୀଙ୍କୁ ଡକାଇ ଆଲୋଚନା କରିଥିଲେ। ପ୍ରକାଶ ଥାଉକି, ଏହି ଗାଁର କେତେକ ବ୍ୟକ୍ତି କର୍ମୀଙ୍କ ମନମୁଖି କାର୍ଯ୍ୟକ୍ରମ ଓ କେନ୍ଦ୍ର ସଠିକ୍ ଭାବେ ଚାଲୁନଥିବା ସିଡିପିଓଙ୍କ ଠାରେ ଅଭିଯୋଗ କରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଚଳିତ ମାସ ୧୩ ତାରିଖରେ ସୁପରଭାଇଜର ସରୋଜିନୀ ମୁଦୁଲୀ ତଦନ୍ତ କରି ସିଡିପିଓଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ସିଡିପିଓ ଗୁରବାର ପୂର୍ବାହ୍ଣରେ ଏହି ପରିଦର୍ଶନ କରିଥିଲେ। ତେବେ ଏହି ପରିଦର୍ଶନରେ ଅଭିଯୋଗ ହୋଇଥିବା କର୍ମୀ ଜଣକ ଡ୍ରେସ୍ କୋଡ୍‌ରେ ନଥିବା ଏବଂ କେନ୍ଦ୍ରର ୩୯ ପିଲା ନାମ ଥିବାବେଳେ ମାତ୍ର ୭ ଜଣ ଉପସ୍ଥିତ ଥିବା ସିଡିପିଓ ଦେଖିବାକୁ ପାଇଥିଲେ । ଏହାର କାରଣ ସମ୍ପର୍କରେ କର୍ମୀ ଜଣକ ପାଲଟା ଉତ୍ତର ରଖିଥିଲେ। ତାଙ୍କ ବିରୋଧରେ ମିଥ୍ୟା ଓ ଆକ୍ରୋଶ ମୂଳକ ଅଭିଯୋଗ କରିଥିବା ବ୍ୟକ୍ତିମାନେ ବିଗତ କିଛି ଦିନ ହେଲା ତାଙ୍କ ପିଲାମାନଙ୍କୁ କେନ୍ଦ୍ରକୁ ନଛାଡି ଅଜଥାରେ ତାଙ୍କୁ ବଦ୍‌ନାମ କରୁଛନ୍ତି ବୋଲି କର୍ମୀ ଜଣକ ଉତ୍ତର ରଖିଥିଲେ। ଅନ୍ୟପଟେ ଗୋଟିଏ ଗୃହରେ ଉପରୋକ୍ତ ୨ଟି କେନ୍ଦ୍ରର ପିଲାମାନେ ବସିଥିବା ଓ ଶୈକ୍ଷିକ ବାତାବରଣ ନଥିବା ଏହି ପରିଦର୍ଶନରେ ସିଡିପିଓ ଦେଖିବାକୁ ପାଇଥିଲେ। ତେବେ ପ୍ରାୟ ୨ ଘଣ୍ଟା ତଦନ୍ତ କରିବା ପରେ ଏନେଇ ଅଧିକ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଡିପିଓ ଶ୍ରୀମତି ନାୟକ ଅଭିଯୋଗକାରୀଙ୍କୁ ସୂଚନା ଦେଇଛନ୍ତି।

ରାଧାକାନ୍ତ ଦେବଙ୍କ ମଠ ମହନ୍ତ ନିଯୁକ୍ତିକୁ ଗ୍ରାମବାସୀଙ୍କ ବିରୋଧ

ପିପିଲି : ଏକ୍ସପ୍ରେସ୍ ନ୍ୟୁଜ୍



ପିପିଲି ନିକଟବର୍ତ୍ତୀ ଜାଗୁଳିଆ ପଡା ବାରମାଣ ପାଟଣା ଗ୍ରାମରେ ଅବସ୍ଥିତ ବହୁ ପୁରାତନ ପୀଠ ଶ୍ରୀ ଶ୍ରୀ ଗୋପିନାଥଜିଉ ରାଧାକାନ୍ତ ଦେବଙ୍କ ବହୁ ମୂଲ୍ୟବାନ ଜମିବାଡିକୁ ବେଆଇନ୍ ଭାବେ ଶାଗମାଛ ଦରରେ ବିକ୍ରି କରି ଅର୍ଥ ହଡପ ପାଇଁ ହେଉଥିବା ଉଦ୍ୟମକୁ ପଣ୍ଡ ପରିବା ପାଇଁ ଉକ୍ତ ଗ୍ରାମର ଗ୍ରାମବାସୀମାନେ ଅଣ୍ଟା ଭିଡିଛନ୍ତି । ଏହି ପୀଠର ମହନ୍ତ ନିଯୁକ୍ତିକୁ ମଧ୍ୟ ଦୃଢ଼ ବିରୋଧ କରିଛନ୍ତି । ଉକ୍ତ ଦେବପୀଠର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତିର ସୁରକ୍ଷା ପାଇଁ ଗ୍ରାମବାସୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ସହିତ ଏ ସମ୍ପର୍କରେ ରାଜ୍ୟ ଆଇନ୍‌ମନ୍ତ୍ରୀ ଏବଂ ପଞ୍ଚାୟତରାଜ ମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଗ୍ରାମବାସୀମାନେ ସୁତ୍ରରୁ ଜଣାଯାଏ, ଉକ୍ତ ପୀଠର ଜନୈକ ମହନ୍ତ କୃଷ୍ଣଚନ୍ଦ୍ର ଦାସଙ୍କୁ କେତେକ ଅନିୟମିତତା ଅଭିଯୋଗରେ ଦେବତ୍ତୋର କମିଶନ ୨୦୦୫ ମସିହାରେ ବହିଷ୍କୃତ କରିଥିଲେ । ଏହାପରେ ଗ୍ରାମବାସୀଙ୍କୁ ନେଇ ମନ୍ଦିର (ପୀଠ)ର ରକ୍ଷଣା ବେକ୍ଷଣ ଓ ପରିଚାଳନା ପାଇଁ ଏକ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଥିଲା । ମନ୍ଦିରର ସମସ୍ତ ରୀତିନୀତି ଶୃଙ୍ଖଳିତ ଭାବେ ଚାଲୁଥିବା ବେଳେ, ଗ୍ରାମବାସୀଙ୍କ ଅଗୋଚରରେ ଦେବତ୍ତୋର କମିଶନ ନିମାପଡା ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କୁ ଉକ୍ତ ପୀଠର ମହନ୍ତ ଭାବେ ନିଯୁକ୍ତି ଦେଇ, ତ୍ରୁଷ୍ଟି ଭାବେ ଘୋଷଣା କରିଛନ୍ତି ।

ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍

ସରକାର ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଅନେକ ଯୋଜନା କରିଛନ୍ତି । ସେହିପରି ବ୍ରହ୍ମପୁର ବଡ଼ମେଡ଼ିକାଲ ଦକ୍ଷିଣ ଓଡ଼ିଶାର ଏକ ମାତ୍ର ଭରସା ଯୋଗ୍ୟ ହସ୍‌ପିଟାଲ ହୋଇଥିବା ବେଳେ ଏଠାକୁ ଆସୁଥିବା ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ୱାର୍ଡ଼ ପାଇଁ ନୂତନ କୋଠା ତିଆରି ହୋଇଥିଲା । ନିକଟରେ ମୁଖ୍ୟମନ୍ତ୍ରୀ ଏହି କୋଠାଗୁଡ଼ିକ ଉଦ୍‌ଘାଟନ କରିଥିଲେ । ଗୁରୁବାର ଗଞ୍ଜାମ ଜିଲ୍ଲାପାଳ ପ୍ରେମଚନ୍ଦ୍ର ଚୌଧୁରୀ ବ୍ରହ୍ମପୁର ବଡ଼ମେଡ଼ିକାଲ ପରିଦର୍ଶନରେ ଆସିଥିଲେ । ନୂଆ କୋଠା ଗୁଡ଼ିକର ସ୍ଥିତି ସେ ଅନୁଧ୍ୟାନ କରିଥିଲେ । ଏହି କୋଠା ଗୁଡ଼ିକରେ କେଉଁ କେଉଁ ୱାର୍ଡ଼ ଚାଲିଛି ସେ ନେଇ ବୁଲି ଦେଖିଥିଲେ । ବିଶେଷ କରି ନୂତନ ଭାବେ ହୋଇଥିବା ଆଇସିୟୁକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି । ସେହିପରି ଏମ୍‌କେସିଜି ମେଡ଼ିକାଲର ଇନ୍‌ଡୋର ଓ ଆଉଡୋର ମଧ୍ୟ ଜିଲ୍ଲାପାଳ ପରିଦର୍ଶନ କରିଥିଲେ । ତାଙ୍କର ଏହି ପରିଦର୍ଶନ ବେଳେ ଅଧ୍ୟକ୍ଷ ଡ଼ା. ରାଧାମାଧବ ତ୍ରିପାଠୀ ଓ ଅଧିକ୍ଷକ ଡ଼ା. ଚରଣ ପଣ୍ଡା ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ସହ ବ୍ରହ୍ମପୁର ଉପ ଜିଲ୍ଲାପାଳ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ ନୂତନ କୋଠା ପରିଦର୍ଶନ କରିଥିଲେ । ଏହି ଅବସରରେ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଇଁ ଆବଶ୍ୟକତାନୁସାରେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ମେଡ଼ିକାଲକୁ ଉନ୍ନତ ଧରଣ କରିବାରେ ଜିଲ୍ଲା ପ୍ରଶାସନର ସମସ୍ତ ସହଯୋଗ ରହିଥିବା ଜିଲ୍ଲାପାଳ ପ୍ରକାଶ କରିଛନ୍ତି ବୋଲି ଅଧିକ୍ଷକ ଡ଼ା. ପଣ୍ଡା କହିଛନ୍ତି ।